## ସଂକ୍ଷେପରେ

### ସମୟାନୁବର୍ତ୍ତୀ ହେବାକୁ ପରାମର୍ଶ



**ଢେଙ୍କାନାଳ ଅଫିସ, ୬।୨:** ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁରସ୍ଥିତ ସଚ୍ଚିଦାନନ୍ଦ ଉଚ୍ଚ ମାଧମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶୃଙ୍ଖଳାଜ୍ଞାନ ରହିବା ନିତାନ୍ତ ଆବଶ୍ୟକ। ସମୟାନୁବର୍ତ୍ତୀ ହେଲେ ଶିକ୍ଷାକୁ ଉପଯୁକ୍ତ ମାର୍ଗରେ ଲଗାଯାଇପାରିବ ବୋଲି ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ପ୍ରତିଷ୍ଠାତା ପୁଲିନ ବିହାରୀ ପଣ୍ଡା ଯୋଗଦେଇ କହିଲେ, ଶିକ୍ଷାକୁ ସମାଜର ଉନ୍ନତିମୂଳକ କାର୍ଯ୍ୟରେ ଲଗାଇପାରିଲେ ଆମେ ନିଜକୁ ଶିକ୍ଷିତ ବୋଲି କହିପାରିବା। ଅନ୍ୟତମ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରାଜକିଶୋର ରାଉତ ମଞ୍ଚାସୀନ ଥିଲେ। ଏହି ଅବସରରେ ଲିଟେରାରି ଚାମ୍ପିୟନ ହୋଇଥିବା ଛାତ୍ରୀ ଶର୍ମିଷ୍ଠା ଶୁଭଦର୍ଶିନୀ, ଶ୍ରେଷ୍ଠ ଛାତ୍ରୀ ସ୍ନେହଲତା ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ପୁରସ୍କୃତ ହୋଇଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅଧକ୍ଷ ପ୍ରଦୀପ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅଧାପକ ଦୁର୍ଗାମାଧବ ପାଣିଗ୍ରାହୀ, ଅଧାପିକା ଡ. ପୁଷ୍ପଲତା ରଥ, ଦୀପ୍ତିବାଳା ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। କଲେଜର ସମସ୍ତ କର୍ମଚାରୀ ଏଥିରେ ସହାୟତା କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସ୍ଥାନୀୟ ଧରିତ୍ରୀ ପ୍ରତିନିଧି କିମ୍ବା ମୁଖ୍ୟକାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଦୁର୍ନୀତିର ଚେର ବଡ଼ ଗହୀର

**ପରଜଙ୍ଗ, ୬।୨(ଡି.ଏନ.ଏ.)**

**ପୁଣି ଚର୍ଚ୍ଚାରେ ପରଜଙ୍ଗ ବ୍ଲକ**
- ପାଟରପଦା, ବସୁଲେଇ, ପଥରଖମ୍ବ ପରେ କନ୍ତରୁ
- ରାଶନକାର୍ଡ, ଆବାସ ଯୋଜନାରେ ବ୍ୟାପକ ଅନିୟମିତତା
- କାର୍ଯ୍ୟାନୁଷ୍ଠାନ ଦାବି କଲେ ପଞ୍ଚାୟତ ପ୍ରତିନିଧି
- ତଦନ୍ତ ପାଇଁ ଜିଲାପାଳ, ଭିଜିଲାନ୍ସକୁ ଲେଖିଲେ ପତ୍ର
- ପଦକ୍ଷେପ ନ ନେଲେ ଆନ୍ଦୋଳନ ଚେତାବନୀ

ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ଠାରୁ ଆରମ୍ଭ କରି ଗ୍ରାମୀଣ ଆବାସ ଯୋଜନା। ଭତ୍ତାଠୁ ଆରମ୍ଭ କରି ରାଶନକାର୍ଡ। ଯେଉଁ ଆଡ଼େ ଚାହିଁଲେ ପୁଳାପୁଳା ଦୁର୍ନୀତି। ବିଭିନ୍ନ ଉପାୟରେ ସରକାରୀ ତହବିଲରୁ ଲୁଟ୍ ହୋଇଛି କୋଟି କୋଟି ଟଙ୍କା। ଯେତେ ଉଦ୍ୟମ କଲେ ବି ଅନିୟମିତତାର ଦାଗ ଲିଭୁନି। ପାଟରପଦା, ବସୁଲେଇ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପଥରଖମ୍ବ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ବ୍ୟାପକ ଅର୍ଥ ହେର୍‌ଫେର ପରେ ଏବେ ଚର୍ଚ୍ଚାର ପରିଧିକୁ ଆସିଛି ପରଜଙ୍ଗ ବ୍ଲକର କନ୍ତୁର। ଏ ନେଇ ପଞ୍ଚାୟତର ୮ ଜଣ ୱାର୍ଡସଭ୍ୟ ଏବଂ ସମିତିସଭ୍ୟ ଜିଲାପାଳ, ଭିଜିଲାନ୍ସ ବିଭାଗ, ପିଆର୍ ଡିପାର୍ଟମେଣ୍ଟରେ ଲିଖିତ ଅଭିଯୋଗ କରିଛନ୍ତି।

କେତେଜଣ ହିତାଧିକାରୀ ଘର ସମ୍ପୂର୍ଣ୍ଣ ନ କରି ଟଙ୍କା ଉଠାଇ ନେଇଛନ୍ତି। ପ୍ରକୃତ ଘର ପରିବର୍ତ୍ତେ ଅନ୍ୟ ଘରକୁ ଦର୍ଶାଇ ଫାଇନାଲ ବିଲ୍ କରାଯାଇଛି। ଗୋଟିଏ ଘର ପାଇଁ ଦୁଇଥର ବିଲ୍ ହୋଇଛି। ୨୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଅଟ୍ଟାଳିକା ବି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହୋଇଛି। ଅନ୍ୟ ବ୍ଲକରୁ ଆସି ରେକର୍ଡ ନ ଥିବା ହିତାଧିକାରୀଙ୍କୁ ଘର ନିର୍ମାଣ କାର୍ଯ୍ୟାଦେଶ ଦିଆଯାଇଛି। ଗୋଚର ଜମିରେ ନିୟମ ଉଲ୍ଲଂଘନ କରି ଘର ତିଆରି କରାଯାଉଛି। ୧୪ରୁ ଊର୍ଦ୍ଧ୍ୱ ହିତାଧିକାରୀ ଏପରି ବେଆଇନ କାର୍ଯ୍ୟ କରିଥିବା ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ସେହିପରି ୧୧ଜଣ ଆର୍ଥିକ ସ୍ୱଚ୍ଛଳ ବର୍ଗର ପରିବାର ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇଛନ୍ତି। ଗାଡ଼ି, କୋଠାଘର, ଥ୍ରୀ ଫେଜ୍ ବିଦ୍ୟୁତ୍ ସଂଯୋଗ, ଉଦ୍ୟୋଗୀ ଏବଂ ଚାକିରି କରିଥିବା ବ୍ୟକ୍ତି ଅସାଧୁ ଉପାୟରେ ରାଶନ କାର୍ଡ ହାତେଇଛନ୍ତି। ବାଇକ୍ ଧରି ବୁଲୁଥିବା ଯୁବକଙ୍କୁ ଦିବ୍ୟାଙ୍ଗ ଭତ୍ତା ମିଳୁଛି। ଏହାର ଭିଜିଲାନ୍ସ ତଦନ୍ତ କରିବାକୁ ପଞ୍ଚାୟତ ପ୍ରତିନିଧିମାନେ ଦାବି କରିଛନ୍ତି।

ଏ ନେଇ ଉପଖଣ୍ଡ ସହକାରୀ ଯୋଗାଣ ଅଧିକାରୀ ସଞ୍ଜୟ କୁମାର ସାହୁ କୁହନ୍ତି, ଅଭିଯୋଗର ତଦନ୍ତ କରାଯିବ। ଦୋଷ ପ୍ରମାଣିତ ହେଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବିଡିଓ ବସନ୍ତ କୁମାର ମଲ୍ଲିକ କୁହନ୍ତି, ତାଙ୍କ ନିକଟରେ ସେମିତି କିଛି ଅଭିଯୋଗ ହୋଇନାହିଁ। ଅଭିଯୋଗ ଆସିଲେ ତଦନ୍ତ କରାଯିବ। ଏ ନେଇ ସମିତିସଭ୍ୟ ଅବିନାଶ ବେହେରା କୁହନ୍ତି, କନ୍ତୁର ପଞ୍ଚାୟତରେ ସବୁଠାରୁ ଅଧିକ ଦୁର୍ନୀତି ହୋଇଛି। ଏହାର ତଥ୍ୟ ପ୍ରମାଣ ସହ ଭିଜିଲାନ୍ସ ଏବଂ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯିବ।

# ପୋଲ ତଳକୁ ଖସିଲା ଧାନ ବୋଝେଇ ଟ୍ରକ୍



**ଠାକୁରମୁଣ୍ଡା/ଯଶିପୁର,୬।୨(ଡ଼ି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ଯଶୀପୁର-ରରୁଆଁ ରାସ୍ତାର ମଉଦି ଗ୍ରାମ ନିକଟରେ ଗୁରବାର ସନ୍ଧ୍ୟାରେ ଏକ ଧାନ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ପୋଲ ଉପରୁ ପ୍ରାୟ ୩୦ ଫୁଟ ତଳକୁ ଖସି ପଡ଼ିଛି। ଦୁର୍ଘଟଣାଗ୍ରସ୍ତ ଟ୍ରକ ଡ୍ରାଇଭରଙ୍କ ଅବସ୍ଥା ଗୁରୁତର ଥିବା ବେଳେ ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ରରୁଆଁ ଲ୍ୟାମ୍ପସରୁ ଧାନ ବସ୍ତା ବୋଝେଇ କରି ଏକ ଟ୍ରକ (ନଂ.ଓଆର-୧୧ବି-୫୧୮୬) ରାଇରଙ୍ଗପୁରର ଏକ ରାଇସ ମିଲ୍‌କୁ ଯାଉଥିଲା। ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଟ୍ରକଟି ଭାରସାମ୍ୟ ହରାଇ ପୋଲ ତଳକୁ ଖସି ପଡ଼ିଥିଲା। ସ୍ଥାନୀୟ ଲୋକେ ଓ ଯଶିପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡି ଭିତରେ ଥିବା ରାଇରଙ୍ଗପୁର ମହୁଲଡ଼ିହା ଅଞ୍ଚଳର ଡ୍ରାଇଭର ସଞ୍ଜୟ ହେମ୍ବ୍ରମ, ହିମାଂଶୁ ଗିରି, କାଳିଆ ସର୍ଦ୍ଦାର ପ୍ରମୁଖ ୩ ଜଣକୁ ଉଦ୍ଧାର କରି ଯଶିପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସେମାନଙ୍କ ମଧ୍ୟରୁ ଡ୍ରାଇଭରଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଯଶୀପୁର ଥାନା ପୋଲିସ ଘଟଣାର ତଦନ୍ତ କରୁଛି।

# ବ୍ରହ୍ମଶକ୍ତି ବିଶ୍ୱବ୍ରହ୍ମାଣ୍ଡର ମୂଳାଧାର




ଆଲୋଚନାଚକ୍ରରେ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୬।୨**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଗତ ସୋମବାର ପଦାର୍ଥ ବିଜ୍ଞାନ ବିଭାଗର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ପ୍ରଫେସର ନିରଞ୍ଜନ ବାରିକ କହିଲେ, ବିଜ୍ଞାନ ଏବଂ ଆଧ୍ୟାତ୍ମିକତା ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ। ବ୍ରହ୍ମଶକ୍ତି ହିଁ ଏହି ବିଶ୍ୱବ୍ରହ୍ମାଣ୍ଡର ମୂଳ ଆଧାର। ଆଧୁନିକ ବିଜ୍ଞାନର କ୍ୱାଣ୍ଟମ୍ ଥିଓରି ବୈଦିକ ବିଜ୍ଞାନର ଏହି ତଥ୍ୟକୁ ପୂର୍ଣ୍ଣ ସମର୍ଥନ କରେ ବୋଲି ସେ ମତବ୍ୟକ୍ତ କରିଥିଲେ। ଛାତ୍ରୀଛାତ୍ରମାନେ ପ୍ରାଚୀନ କାଳରୁ ପ୍ରଚଳିତ ପ୍ରଭାବଶାଳୀ ଅଧ୍ୟାତ୍ମିକ ପରମ୍ପରା ଭିତରେ ବିଜ୍ଞାନକୁ ଅନୁଶୀଳନ କରିବା ଆବଶ୍ୟକ ବୋଲି ସେ ମତ ରଖିଥିଲେ। କଲେଜ ଅଧକ୍ଷା ଡ. ରଶ୍ମି ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ରଣଜିତ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ଡ. ପୂର୍ଣ୍ଣଚନ୍ଦ୍ର ବରାଳ ସ୍ୱାଗତ ଭାଷଣ, ଡ. ପ୍ରଶାନ୍ତ କୁମାର ପରିଡା ଅତିଥି ପରିଚୟ ଏବଂ ଡ. ଶିବାନନ୍ଦ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

### କଙ୍କାଳୁରେ ସରସ୍ୱତୀ ପୂଜା

**ହିନ୍ଦୋଳ, ୬।୨ (ଡି.ଏନ.ଏ.):** ହିନ୍ଦୋଳ ବ୍ଲକ ପାଇକପୁରୁଣାକୋଟ ପଞ୍ଚାୟତ ଅଧୀନ କଙ୍କାଳୁ ଗାଁର ମହାତଳାରେ ଚଳିତବର୍ଷ ୨୪ତମ ସରସ୍ୱତୀ ପୂଜା ଆୟୋଜିତ ହୋଇଯାଇଛି। ମହାତଳା ମା' ସରସ୍ୱତୀ ପୂଜା କମିଟି ପକ୍ଷରୁ ସପ୍ତାହବ୍ୟାପୀ ଏହି ପୂଜା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅନନ୍ତ ମହାପାତ୍ର କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିବାବେଳେ ପାଇକ ପୁରୁଣାକୋଟର ପୂଜକ ପୂର୍ଣ୍ଣଚନ୍ଦ୍ର ଦାଶ ପୂଜାକାର୍ଯ୍ୟ ନିର୍ବାହ କରିଥିଲେ। ପୂଜା କମିଟି କର୍ମକର୍ତ୍ତା ସମୀର ବିଶ୍ୱାଳ, ସୁଶାନ୍ତ ପାତ୍ର, ଦତ୍ତ ମହାପାତ୍ର ଓ ଲକ୍ଷ୍ମୀଧର ବେହେରା ପ୍ରମୁଖ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ। ଶେଷରେ ମା'ଙ୍କୁ ଡିଜେ, ମାଦଳ, ଧାଙ୍ଗଡା ବାଜାର ତାଳେ ତାଳେ ଶୋଭାଯାତ୍ରାରେ ନିଆଯାଇ ଗାଁ କଇଥ ଗାଡିଆରେ ବିସର୍ଜନ କରାଯାଇଛି।

### ଜ୍ୱାଇଁଙ୍କୁ ଆକ୍ରମଣ ଘଟଣା: ୩ଜଣଙ୍କ ନାମରେ ମାମଲା

**ପରଜଙ୍ଗ, ୬।୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅଧୀନ ମାଣିକମରା ଗ୍ରାମରେ ମଙ୍ଗଳବାର ରାତିରେ ଶ୍ୱଶୁର ଘର ଲୋକଙ୍କ ମରଣାନ୍ତକ ଆକ୍ରମଣରେ ଜ୍ୱାଇଁ ରଞ୍ଜନ କୁମାର ସାହୁ ଗୁରୁତର ହୋଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ରଞ୍ଜନଙ୍କ ଅଭିଯୋଗକ୍ରମେ ଶାଶୁ, ଶ୍ୱଶୁର ଏବଂ ଶଳାଙ୍କ ନାମରେ ନଂ. ୨୩/୨୦୨୦, ଦଫା ୨୯୪, ୩୨୩, ୩୨୪, ୫୦୬, ୩୪ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ଶ୍ୱଶୁର ସୁରେଶ ସାହୁ, ଶାଶୁ ଜୟନ୍ତୀ ସାହୁ ଏବଂ ଶଳା ଲିକୁନୁ ସାହୁ ଫେରାର ଅଛନ୍ତି। ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଦଦରାଘାଟି ଫାଣ୍ଡି ଅଧିକାରୀ ସମରଜିତ ନାୟକ ସୂଚନା ଦେଇଛନ୍ତି।

# ଆତ୍ମସୁରକ୍ଷା ପ୍ରଶିକ୍ଷଣ ଆରମ୍ଭ



ଶିବିରରେ ଉପସ୍ଥିତ ଛାତ୍ରୀଙ୍କ ସମେତ ଅନ୍ୟମାନେ।

**ଭାପୁର, ୬।୨(ଡି.ଏନ.ଏ.)**

ଢେଙ୍କାନାଳ ସଦର ବ୍ଲକ କୋଇଲିପାଙ୍ଗିସ୍ଥିତ ଦେବେନ୍ଦ୍ର ଶତପଥୀ ସ୍ମାରକୀ ମହାବିଦ୍ୟାଳୟରେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଗୁରୁବାରଠାରୁ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ୧୪ଦିନ ଧରି ଚାଲିବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଉପଲକ୍ଷେ ଆୟୋଜିତ ସଭାରେ ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ଅଧକ୍ଷତା କରି ଆତ୍ମସୁରକ୍ଷା ପ୍ରଶିକ୍ଷଣର ଆବଶ୍ୟକତା ଏବଂ ଶିବିରର ଗୁରୁତ୍ୱ ସମ୍ପର୍କରେ ଛାତ୍ରୀଙ୍କୁ ବହୁମୂଲ୍ୟ ପରାମର୍ଶ ଦେଇଥିଲେ।

ଯୁକ୍ତ ୩ ବିଭାଗ ଅଧକ୍ଷା ମଞ୍ଜୁଶ୍ରୀ ମୁଖୀ, ଯୁକ୍ତ ୨ବିଭାଗ ଅଧକ୍ଷ ଚନ୍ଦ୍ରଶେଖର ପଣ୍ଡା, ପ୍ରୋଗ୍ରାମ ଅଫିସର ରଶ୍ମିରେଖା ସିଂ ଉପସ୍ଥିତ ରହି ପ୍ରଶିକ୍ଷଣ ଶିବିରର ଲାଭ ଉଠାଇବାକୁ ଆହ୍ୱାନ ଦେଇଥିଲେ। କଲେଜର ସମସ୍ତ ଛାତ୍ରୀ ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିବେ। ଏହା ସକାଳ ୭ଟାରୁ ଅପରାହ୍ନ ୨ଟା ଯାଏ ଚାଲିବ।

# ଜଳ ସଂରକ୍ଷଣ ଏକ ଆହ୍ୱାନ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ପରଜଙ୍ଗ, ୬।୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ କଲେଜରେ ଗୁରୁବାର ଭାରତ ସରକାରଙ୍କ କେନ୍ଦ୍ରୀୟ ଭୂମି ଜଳ ବୋର୍ଡ, ଦକ୍ଷିଣ ପୂର୍ବ କ୍ଷେତ୍ର ଜଳଶକ୍ତି ମନ୍ତ୍ରଣାଳୟ ତରଫରୁ ଭୂତଳ ଜଳ ସଂରକ୍ଷଣ ସମ୍ପର୍କୀୟ ଜନବର୍ତ୍ତାଳାପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧକ୍ଷ ସନାତନ ସାମଲ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ କଲେଜ ପରିଚାଳନା କମିଟି ସଭାପତି ତଥା ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ମୁଖ୍ୟବକ୍ତା ବୈଜ୍ଞାନିକ ସୁପ୍ରିୟ ଆଚାର୍ଯ୍ୟ, ସମ୍ମାନିତ ଅତିଥି ବୈଜ୍ଞାନିକ ସୁଧାଂଶୁ କୁମାର ମହାନ୍ତି, ରାଜୀବ ତ୍ରିପାଠୀ, ବିରଞ୍ଚି ନାରାୟଣ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

ଜଳ ସଂରକ୍ଷଣ ଆଜିର ସମୟ ପାଇଁ ଆହ୍ୱାନ। ଅଞ୍ଚଳରେ ଭୂତଳ ଜଳ ସମସ୍ୟା ନାହିଁ। ତଥାପି ରେଙ୍ଗାଲି ବାମପାର୍ଶ୍ୱ କେନାଲ ତଟବର୍ତ୍ତୀ ଅଞ୍ଚଳବାସୀ ଏ ଦିଗରେ ସଚେତନ ହେବା ଜରୁରୀ। ବର୍ଷାଜଳ ସହ ଦୈନିକ ବ୍ୟବହାର କରାଯାଉଥିବା ପାଣିର ସଂରକ୍ଷଣ ଦିଗରେ ସମସ୍ତେ ଚିନ୍ତା କରିବା ଆବଶ୍ୟକ। ଜନସମ୍ପର୍କ ବାର୍ତ୍ତାଳାପ ଏ ଦିଗରେ ସଚେତନତା ସୃଷ୍ଟି କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରଫେସର ପ୍ରବୋଧ କୁମାର ରଥଙ୍କ ସମେତ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ ପ୍ରସନ୍ନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ତଦନ୍ତ ନିର୍ଦ୍ଦେଶ ଦେଲେ ଏସ୍‌ପି

**ପଦ୍ମପୁର,୬।୨(ଡି.ଏନ.ଏ.)**

### ଟ୍ରେନ୍ ଆଗକୁ ଡେଇଁ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଏଡ଼ତାଳ ଅଞ୍ଚଳର ଜଣେ କଲେଜ ଛାତ୍ରୀ ଗତ ୨୧ ତାରିଖରେ ଭଦ୍ରକ ଷ୍ଟେଶନରେ ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଥିଲେ। ଏ ନେଇ ରେଲୱେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ଛାତ୍ରୀଙ୍କ ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଥିବାବେଳେ ଏହି ଘଟଣା ଏବେ ଭିନ୍ନ ମୋଡ଼ ନେଇଛି। ଛାତ୍ରୀ ରହୁଥିବା ମେସ୍‌ର ମାଲିକ ତାଙ୍କୁ ଅସଦାଚରଣ କରୁଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏ ସମ୍ପର୍କରେ ଜଣାପଡ଼ିବା ପରେ ଗୁରୁବାର ସନ୍ଧ୍ୟାରେ ଜିଲା ଏସ୍‌ପି ରାଜେଶ ପଣ୍ଡିତ ଟୁଇଟରରେ ବାସୁଦେବପୁର ଥାନା ଅଧିକାରୀଙ୍କୁ ଘଟଣାର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଥାନା ଅଧିକାରୀ ମଧୁମିତା ମହାନ୍ତିଙ୍କୁ ଏ ନେଇ ପଚାରିବାରୁ ମୃତା ଛାତ୍ରୀଙ୍କ ପରିବାର ପକ୍ଷରୁ କୌଣସି ଲିଖିତ ଅଭିଯୋଗ କରାଯାଇ ନାହିଁ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଘଟଣାର ତଦନ୍ତ କରାଯିବ ବୋଲି କହିଛନ୍ତି।

## ଫଟୋରେ ଖବର



ପରଜଙ୍ଗ ବ୍ଲକ ମୁକ୍ତାପଶି ଗ୍ରାମରେ ପୂଜା ପାଉଥିବା ମା' ମଙ୍ଗଳାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ବୁଧବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ଗୁରୁବାର ଆୟୋଜିତ କଳସ ଯାତ୍ରା।

# ପଞ୍ଚପଡ଼ା ହାଇସ୍କୁଲର ବାର୍ଷିକ ଉତ୍ସବ

**ସାତମାଇଲ, ୬।୨(ଡି.ଏନ.ଏ.)**



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

ହିନ୍ଦୋଳ ବ୍ଲକ ଚିଉଳପୁର ପଞ୍ଚାୟତ ପଞ୍ଚପଡ଼ା ହାଇସ୍କୁଲର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁଧୀର କୁମାର ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ନାଏବ ସରପଞ୍ଚ ଅନିରୁଦ୍ଧ ବେହେରା, ପରିଚାଳନା କମିଟି ସଭାପତି ସାଗର ବେହେରା, ଉପସଭାନେତ୍ରୀ ପ୍ରେମଲତା ସାମଲ, ପ୍ରଭାକର ନାଏକ, ଦୀପ୍ତିମୟୀ ନାହାକ, ଟିକିଲି ବେହେରା ପ୍ରମୁଖ ଯୋଗଦେଇ ସ୍କୁଲର ଯଶ ବଢ଼ାଇବାକୁ ମାର୍ଗଦର୍ଶନ କରାଇଥିଲେ। ସିଆର୍‌ସିସି ଯତିନ୍ଦ୍ରନାଥ ବେହେରା, ଶିକ୍ଷୟିତ୍ରୀ ରାଜଶ୍ରୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ କନକଲତା ନନ୍ଦ, ଡଲି ଦେଇ, ଶିକ୍ଷକ ଫକୀର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ସଂକ୍ଷେପରେ

### ହତ୍ୟାକାରୀଙ୍କୁ ଆଜୀବନ ଜେଲ

ଆଠମଲ୍ଲିକ, ୬।୨(ଡି.ଏନ.ଏ.)- ଆଠମଲ୍ଲିକ ଆଡିସନାଲ ସେସନ୍ସ ଜଜ୍ ସଞ୍ଜୀବ ରଞ୍ଜନ ସାମନ୍ତ ଏକ ହତ୍ୟା ମାମଲାର ଶୁଣାଣି କରି କିଶୋରନଗର ଥାନା ଚିନ୍ତାମଣିପୁର ଗ୍ରାମର ସୁକୁଟୁ ମିର୍ଦ୍ଧାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ ହଜାର ଜରିମାନା ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟସ୍ଥଳେ ଅଧିକ ୨ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ରାୟରେ ଦର୍ଶାଇଛନ୍ତି। ବିବରଣୀରୁ ପ୍ରକାଶ, ୨୦୧୪ ଡିସେମ୍ବର ୨୪ରେ ଚିନ୍ତାମଣିପୁର ଗ୍ରାମର ଦେବ ମିର୍ଦ୍ଧା କାମ କରିବାକୁ ସୁକୁଟୁଙ୍କ ସହ ଯାଇଥିଲେ। ତେବେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସୁକୁଟୁ ଦେବଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ଏ ନେଇ ଦେବଙ୍କ ପରିବାର ପକ୍ଷରୁ କିଶୋରନଗର ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ନଂ. ୮୨/୧୪ରେ ଏକ ମାମଲା ରୁଜୁ କରି ସୁକୁଟୁଙ୍କୁ ଗିରଫ କରିଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି କୋର୍ଟ ଉପରୋକ୍ତ ରାୟ ଶୁଣାଇଛନ୍ତି। ଆଡିସନାଲ୍ ପବ୍ଲିକ ପ୍ରସିକ୍ୟୁଟର ଅସିତ ରଞ୍ଜନ ଦେଓ ମକଦ୍ଦମା ପରିଚାଳନା କରିଥିଲେ।

### ହନୁମାନ ମନ୍ଦିର ବାର୍ଷିକ ଉତ୍ସବ



ବଇଣ୍ଡା,୬।୨(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଗ୍ରାମରେ ଥିବା ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ କଳସଯାତ୍ରା, ହୋମଯଜ୍ଞ, ହନୁମାନଙ୍କ ବିଗ୍ରହ ପୂଜା କରାଯାଇଥିଲା। ଗ୍ରାମର ଦିବାକର ପ୍ରଧାନ ଓ ତାଙ୍କ ସ୍ତ୍ରୀ ବିନିତା ପ୍ରଧାନ କର୍ତ୍ତା ସାଜିଥିଲେ। ପୂଜକ ଉମେଶଚନ୍ଦ୍ର ମିଶ୍ର, ଗଗନ ମିଶ୍ର ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। ବିଭିନ୍ନ ଗ୍ରାମରୁ ନାମ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ବିଧାୟକ ରମେଶ ଚନ୍ଦ୍ର ସାଏ ଓ ତାଙ୍କ ସ୍ତ୍ରୀ ରୀନା ସାଏ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। ସରପଞ୍ଚ ପ୍ରତାପ କୁମାର ସାହୁ, ଅକ୍ଷୟ କୁମାର ବିଶ୍ୱାଳ, ଗଣେଶ୍ୱର ବିଶ୍ୱାଳ, ପଦ୍ମନାଭ ରାଉତ, ସମୀରରଞ୍ଜନ ଦାସ, ଗୋକୁଳାନନ୍ଦ ଶତପଥୀ ସହଯୋଗ କରିଥିଲେ।

# ଆଜିଠୁ ଅଷ୍ଟମ ଜିଲା ମହୋତ୍ସବ

- ୩ ଦିନ ଧରି ଚାଲିବ ସାଂସ୍କୃତିକ କାର୍ଯ୍ୟକ୍ରମ
- ଅନୁଗୋଳକୁ ଝୁମାଇବେ ଓଲିଉଡ ତାରକା
- ପହଞ୍ଚିଲେଣି ରାଜ୍ୟ ବାହାରର ଲୋକନୃତ୍ୟ ଦଳ

ଅନୁଗୋଳ ଅଫିସ୍, ୬।୨

ଅନୁଗୋଳ ଜିଲା ମହୋତ୍ସବ ଶୁକ୍ରବାରଠାରୁ ଆରମ୍ଭ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ଏଥିରେ ସାମିଲ ହେବାକୁ ସହରବାସୀଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିଯାଇଛି। ରଙ୍ଗିନ ଆଲୋକରେ ଅନୁଗୋଳ ଷ୍ଟାଡିୟମକୁ ସାଜସଜ୍ଜା କରାଯାଇଛି। ରାଜ୍ୟ ବାହାରର ଲୋକନୃତ୍ୟ ଦଳ ଓ କଳାକାରମାନେ ମଧ୍ୟ ଅନୁଗୋଳରେ ପହଞ୍ଚିଗଲେଣି। ସନ୍ଧ୍ୟା ସାଢ଼େ ୫ଟାରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପରେ ଜିଲାର ଶ୍ରେଷ୍ଠ କଳାକାରମାନେ ସେମାନଙ୍କ କଳାର ଝଲକ ମଞ୍ଚରେ ଦେଖାଇବେ। ଏହି କାର୍ଯ୍ୟକ୍ରମରେ ଓଲିଉଡର ଅନେକ ତାରକାଙ୍କୁ ଦେଖିବାକୁ ମିଳିବ। ଲୁବୁନ୍ ଟୁବୁନ୍ ଡ୍ୟାନ୍ସ ଗ୍ରୁପ୍ ମହୋତ୍ସବର ସନ୍ଧ୍ୟାକୁ ମତୁଆଲା କରିବ ବୋଲି ଜିଲା ସଂସ୍କୃତି ପରିଷଦ ପକ୍ଷରୁ କୁହାଯାଇଛି।

ଗୁରୁବାର ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସି ମହୋତ୍ସବକୁ କିପରି ଶାନ୍ତି ଶୃଙ୍ଖଳାର ସହ ଶେଷ କରାଯିବ ତାହା ଉପରେ ଆଲୋଚନା ହୋଇଥିଲା। ମହୋତ୍ସବ ପାଇଁ ବାହାର ଜିଲା ଓ ରାଜ୍ୟରୁ କଳାକାରମାନେ ଗୁରୁବାର ରାତି ସୁଦ୍ଧା ଅନୁଗୋଳରେ ପହଞ୍ଚିଥିବା କୁହାଯାଇଛି। ଏହି ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ଅର୍ଥ ଓ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ସହ ସମ୍ମାନିତ ଅତିଥିଭାବେ ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ, ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଓ ଜିଲାର ୪ ଜଣ ବିଧାୟକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ସନ୍ଧ୍ୟାରେ କଣିହାଁ, ଆଠମଲ୍ଲିକ, ଛେଣ୍ଡିପଦା ବ୍ଲକର କଳା ସଂସ୍କୃତି ସଂଘ ପକ୍ଷରୁ ଦଳଗତ ନୃତ୍ୟ ପରିବେଷଣ କରାଯିବ। ଏହାପରେ ପାରମ୍ପରିକ ନୃତ୍ୟ ଭାବେ ଅନୁଗୋଳର ନୃତ୍ୟ ନିଳୟ ପକ୍ଷରୁ ଦଳଗତ ଓଡ଼ିଶୀ ନୃତ୍ୟ, ମଥୁରାର ମୟୂରୀ ନୃତ୍ୟ, ବଲାଙ୍ଗୀରର ନଟରାଜ ନୃତ୍ୟ ପରିବେଷଣ କରାଯିବ। ଓଲିଉଡର ବହୁ କଳାକାର ଏଥିରେ ଯୋଗଦେଇ ଦର୍ଶକଙ୍କ ମନୋରଞ୍ଜନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିସହ ଲୁବୁନ୍-ଟୁବୁନ୍‌ଙ୍କ ଯୋଡ଼ି ମଞ୍ଚରେ କମାଲ କରିବେ। ତାରିକ୍ ଅଜିତ ଓ ତପୁ ମିଶ୍ରଙ୍କ ଦଳ ନିଜ କଣ୍ଠର ଯାଦୁ ଦେଖାଇବେ। ଚଳଚ୍ଚିତ୍ର ତାରକା ଜ୍ୟୋତି ନାୟକ ଓ ଅଙ୍କିତାଙ୍କ ସହ ହାସ୍ୟ ଅଭିନେତା ଦଣ୍ଡପାଣି ଓ ଗୁଡୁ ମଧ୍ୟ କମାଲ କରିବେ।



ଅନୁଗୋଳ ଷ୍ଟାଡିୟମରେ ଜିଲା ମହୋତ୍ସବ ପାଇଁ ପ୍ରସ୍ତୁତି।

## ଆତ୍ମରକ୍ଷାର ପ୍ରୟୋଗାତ୍ମକ ଦିଗ ଉପରେ ଆଲୋକପାତ




ପ୍ରଶିକ୍ଷଣ ଶିବିରରେ ଅତିଥିମାନେ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି।

ତାଳଚେର,୬।୨(ନି.ପ୍ର.)

ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ଛାତ୍ରୀମାନଙ୍କ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଆୟୋଜିତ ସଭାରେ କଲେଜ ଅଧ୍ୟକ୍ଷ ଅଶୋକ କୁମାର ଶର୍ମା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗଦେଇ ଆତ୍ମରକ୍ଷା ପ୍ରଶିକ୍ଷଣର ଯଥାର୍ଥତା ଓ ତା'ର ପ୍ରୟୋଗାତ୍ମକ ଦିଗ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ପୌର ପରିଷଦ ନିର୍ବାହୀ ଅଧିକାରୀ ଅତସି ପରିଡା ଯୋଗଦେଇ ପ୍ରଶିକ୍ଷଣକୁ ଆବଶ୍ୟକସ୍ଥଳେ କାର୍ଯ୍ୟରେ ବିନିଯୋଗ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଉପଲକ୍ଷେ ପ୍ରତିଯୋଗୀମାନଙ୍କ ମଧ୍ୟରେ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରିୟଙ୍କା ସାମଲ ଓ ସରିତା ଗାୟଣ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅପସନା ବେଗମ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟାପିକା ଡ. କଳ୍ପନା ବୋଇତି, ଅଧ୍ୟାପକ ଅନନ୍ତ କୁମାର ନାୟକଙ୍କ ସମେତ ଅନ୍ୟ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଉପସ୍ଥିତ ଥିଲେ। ଅର୍ଥ ବିଭାଗ ମୁଖ୍ୟ ତ୍ରିପୁରାରୀ ନାଥ ଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ।

## ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ




କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ବଇଣ୍ଡା,୬।୨(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ସ୍ଥିତ ଷୋଳପଦା ଯୁକ୍ତ ୩ କଲେଜରେ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଓ କ୍ରୀଡ଼ା ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ପ୍ରତିମା ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଠାକୁରଗଡ଼ ଆଇଆଇସି ଗବାକ୍ଷ ନାୟକ ଯୋଗଦେଇ ଛାତ୍ରୀମାନଙ୍କୁ ସୁରକ୍ଷା ଦେବା ସହ କ୍ରୀଡ଼ା ପ୍ରତି ମନୋବଳ ବଢାଇବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ସରୋଜ କୁମାର ପ୍ରଧାନ, ତରୁଣ କୁମାର ପ୍ରଧାନ, କଲ୍ୟାଣୀ ରୂପା ମିଶ୍ର, ଚିତ୍ତରଞ୍ଜନ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏଥିରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ଓ ଶିବିରରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ଶିବରାତ୍ରି ପ୍ରସ୍ତୁତି ବୈଠକ

ବଆଁରପାଳ, ୬।୨(ଡି.ଏନ.ଏ.)

ବଆଁରପାଳ ସିଦ୍ଧେଶ୍ୱର ମନ୍ଦିରରେ ମହାଶିବରାତ୍ରି ପାଳନ ପାଇଁ ମନ୍ଦିର କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଅଜିତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ରହି ପୂଜାକୁ ଶାନ୍ତିଶୃଙ୍ଖଳାର ସହ ପାଳନ, ନାମ ସଂକୀର୍ତ୍ତନ, ପ୍ରସାଦସେବନ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଉପରେ ଆଲୋଚନା କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନରେଶ ଚନ୍ଦ୍ର ବେହେରା, ବୀରବର ସାହୁ, ପ୍ରମୋଦ ମହାପାତ୍ରଙ୍କ ସମେତ କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ପ୍ରାଧ୍ୟାପକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଢେଙ୍କାନାଳ ଅଫିସ, ୬।୨

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ସଂସ୍କୃତ ବିଭାଗ ମୁଖ୍ୟ ତଥା ସହକାରୀ ପ୍ରାଧ୍ୟାପକ ଡ. ସୁରେନ୍ଦ୍ରନାଥ ଷଡଙ୍ଗୀଙ୍କୁ ବୁଧବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଆୟୋଜିତ ସଭାରେ ଅଧ୍ୟକ୍ଷା ଡ. ରଶ୍ମି ମିଶ୍ର ପୌରୋହିତ୍ୟ କରିଥିଲେ। ସୁରେନ୍ଦ୍ରନାଥଙ୍କୁ ଅଙ୍ଗବସ୍ତ୍ର, ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଷ୍ଟାଫ କ୍ଲବ ସମ୍ପାଦକ ଡ. ରମେଶଚନ୍ଦ୍ର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ପ୍ରାଧ୍ୟାପକ ରଣଜିତ କୁମାର ପ୍ରଧାନ, ଆଦିତ୍ୟ ମେହେର, ସୁରେଖା ବଳିଆରସିଂ, ନମିତା ଦାସ, ଦେବରାଜ ପରିଡା, ସୁନନ୍ଦା ସ୍ୱାଇଁ, ଭୂପେଶ ସାହୁ, ଦିଲୀପ ନାୟକ, ରଜନୀକାନ୍ତ ଖୁଣ୍ଟିଆ, ସମ୍ବିତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପିକା ସୌମ୍ୟା ନନ୍ଦ ମାନପତ୍ର ପାଠ କରିଥିବାବେଳେ ସୁମିତ୍ରା ବେହେରା ଧନ୍ୟବାଦ ଦେଇଥିଲେ। ଅଧ୍ୟାପିକା ଶୁଭସ୍ମିତା ଖୁଣ୍ଟିଆ ସହଯୋଗ କରିଥିଲେ।




ପ୍ରାଧ୍ୟାପକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା।

## ବିଦ୍ୟୁତ୍ ନେଲା ଜୀବନ

ବାସୁଦେବପୁର/ପଦ୍ମପୁର, ୬।୨(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଚୁଡ଼ାମଣି ଘଡ଼େଇସାହିର ତୁଳସୀ ଦାସ(୩୫)ଙ୍କ ବିଦ୍ୟୁତ୍ ଆଘାତରେ ଗୁରୁବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ସେ ଘରେ ଲାଇଟ୍ ଜାଳିବା ପାଇଁ ପ୍ଲଗ୍ ଦେଉଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଅଚେତ ହୋଇ ତଳେ ପଡ଼ିଯାଇଥିଲେ। ପରିବାର ଲୋକ ତାଙ୍କୁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚୁଡ଼ାମଣି ସାମୁଦ୍ରିକ ଥାନାଧିକାରୀ ମହମ୍ମଦ ହାଫିଜ୍ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୧/୨୦) ରୁଜୁ ହୋଇଛି।

## ୧୮୨ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା




ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ତାଳଚେର,୬।୨(ନି.ପ୍ର.)

ଏନ୍‌ଟିପିସି ପରିଚାଳନାଧୀନ ତାଳଚେର ଥର୍ମାଲ ପକ୍ଷରୁ ତାଳଚେର ବ୍ଲକ ଜଗନ୍ନାଥପୁର ହାଇସ୍କୁଲରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଜେନେରାଲ ମ୍ୟାନେଜର ଅରିନ୍ଦମ ସିହ୍ନା ଏହାକୁ ଉଦ୍‌ଘାଟନ କରିଥିଲେ। ଭୁବନେଶ୍ୱରସ୍ଥିତ କେୟାର ହସ୍ପିଟାଲର ୭ଜଣ, ଆଶାଲୋକ ହସ୍ପିଟାଲର ଡାକ୍ତର ଓ କର୍ମଚାରୀମାନେ ୧୮୨ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ହେଲଥ୍ କାର୍ଡ ପ୍ରଦାନ କରିଥିଲେ। ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ତାଳଚେର ଥର୍ମାଲ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଉଛି ବୋଲି ଡିଜିଏମ୍ ସମିତ ଦେବ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ପାର୍ଶ୍ୱବର୍ତ୍ତୀ ଅନ୍ୟ ସ୍କୁଲଗୁଡ଼ିକରେ ମଧ୍ୟ ଟିଟିପିଏସ୍ ପକ୍ଷରୁ ଏଭଳି ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି।

## ଫସଲ ନଷ୍ଟ କଲେ, ଘର ଭାଙ୍ଗିଲେ ହାତୀପଲ



ଛେଣ୍ଡିପଦା, ୬।୨(ସ୍ୱ.ପ୍ର.)

ଛେଣ୍ଡିପଦା ବନାଞ୍ଚଳ ପାତ୍ରପଡା ପଞ୍ଚାୟତ ଖଇରବେରେଣୀ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ହାତୀପଲ ଘର ଭାଙ୍ଗିବା ସହିତ ବ୍ୟାପକ ଫସଲ ନଷ୍ଟ କରିଛନ୍ତି। ଖଇରବେରେଣୀ ଗ୍ରାମ ପାର୍ଶ୍ୱ ଜଙ୍ଗଲରୁ ହାତୀପଲ ବିଳମ୍ବିତ ରାତିରେ ଗ୍ରାମରେ ଥିବା ମଠ ଭିତରେ ପଶି କଦଳୀ ବଗିଚା ନଷ୍ଟ କରିଥିଲେ। ଏହା ପରେ ନାରାୟଣ ନାଏକଙ୍କ ଏକ ଚାଳଛପର ଘର ଭାଙ୍ଗିବା ସହ ଧାନ, ଚାଉଳ ଆଦି ନଷ୍ଟ କରିଥିଲେ। ସେହି ଗ୍ରାମର କଲ୍ୟାଣ ସାହୁଙ୍କ ୨ ଏକରରୁ ଅଧିକ କୋବି ଓ ବାଇଗଣ ଫସଲକୁ ପ୍ରାୟ ୭ଟି ହାତୀ ଖାଇ ଦଳି ଚକଟି ନଷ୍ଟ କରିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଛେଣ୍ଡିପଦା ବନ ବିଭାଗ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ହାତୀପଲକୁ ଘଉଡାଇବା ସହିତ ସେମାନଙ୍କ ଗତିବିଧି ଉପରେ ନଜର ରଖିଛି। ରାସ୍ତାରେ ଯିବା ଆସିବା କରିବା ବେଳେ ସତର୍କତା ଅବଲମ୍ବନ କରିବା ପାଇଁ ବିଭାଗ ପକ୍ଷରୁ ସଚେତନ କରାଯାଇଛି। ଚାଷୀଙ୍କ କ୍ଷୟକ୍ଷତି ଆକଳନ କରାଯାଇ ତୁରନ୍ତ କ୍ଷତିପୂରଣ ଯୋଗାଯିବାକୁ ଦାବି ହୋଇଛି।

## ଘର ନିର୍ମାଣରେ ବିଳମ୍ବ, ପ୍ରଶାସନର ଧାରଣା



ବଆଁରପାଳ, ୬।୨(ଡି.ଏନ.ଏ.)

ବଆଁରପାଳ ବ୍ଲକ ବୁଢାପଙ୍କ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଯୋଜନାରେ କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀମାନେ ଗୃହ ନିର୍ମାଣ ବିଳମ୍ବ କରୁଥିବାରୁ ବ୍ଲକ ପ୍ରଶାସନ ପକ୍ଷରୁ ଗୁରୁବାର ସେମାନଙ୍କ ଘର ଆଗରେ ଧାରଣା ଦିଆଯାଇଥିଲା। ଅଞ୍ଚଳର ୮ ହିତାଧିକାରୀ ଦୀର୍ଘ ୩ ବର୍ଷ ହେଲା କାର୍ଯ୍ୟାଦେଶ ସହ ଟଙ୍କା ପାଇଥିଲେ ହେଁ ସେମାନେ ଘର ନିର୍ମାଣ ବିଳମ୍ବ କରୁଥିବା ନେଇ ବିଡିଓ ଅସନ୍ତୋଷ ପ୍ରକାଶ କରିଥିଲେ। ତୁରନ୍ତ ଗୃହ ନିର୍ମାଣ ଦାବିରେ ବିଡିଓ ସ୍ୱରୂପାନନ୍ଦ ସାହୁ, ଅତିରିକ୍ତ ବିଡିଓ ଦିଲୀପ ପ୍ରଧାନ, ସହକାରୀ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ଦାସ, ପଞ୍ଚାୟତ ସମ୍ପାଦକଙ୍କ ସହ ଅନ୍ୟ କର୍ମଚାରୀମାନେ ଜଣେ ହିତାଧିକାରୀଙ୍କ ଘର ଆଗରେ ଧାରଣା ଦେଇଥିଲେ।

# ଉନ୍ନତି, ଉତ୍ତମ ଶିକ୍ଷାଦାନକୁ ଗୁରୁତ୍ୱ

**ଶିକ୍ଷକଙ୍କ ସହ ଏକାଠି ହେଲେ ମାତା, ପିତା**

ବନ୍ତଳା, ୬।୨(ଡି.ଏନ.ଏ.)

ଅନୁଗୋଳ ନବୋଦୟ ଅଭିଭାବକ ସଂଘ ଆନୁକୂଲ୍ୟରେ ଅଭିଭାବକ, ଶିକ୍ଷକ ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ନେଇ ଏକ କର୍ମଶାଳା ବନ୍ତଳା ଥାନା ବଡ଼କେରା ପଞ୍ଚାୟତ ଚମ୍ପତିମୁଣ୍ଡା ସ୍ଥିତ ତାଳବଣଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷକଙ୍କ ସହ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ମାତାପିତାମାନେ ଯୋଗଦେଇଥିଲେ। ବିଦ୍ୟାଳୟର ଉନ୍ନତି ସହ କିପରି ପିଲାମାନଙ୍କୁ ଉତ୍ତମ ଶିକ୍ଷାଦାନ କରାଯିବ ସେ ଉପରେ ବିଶେଷ ଭାବେ ଆଲୋଚନା କରାଯାଇଥିଲା। ଶିକ୍ଷକ ଓ ମାତାପିତା ସମ୍ମିଳିତ ହୋଇ ସ୍କୁଲ ପରିଚାଳନା କରିବା ଓ ଛାତ୍ରୀଛାତ୍ରମାନଙ୍କୁ ଉତ୍ତମ ଶୈକ୍ଷିକ ପରିବେଶ ଯୋଗାଇବା ଲକ୍ଷ୍ୟରେ କର୍ମଶାଳା ଆୟୋଜନ କରାଯାଇଥିଲା। ଏହା ଅଭିଭାବକ ଓ ସ୍କୁଲ ମଧ୍ୟରେ ରହିଥିବା ସମ୍ପର୍କ ନିବିଡ କରିବା ସହ ନବୋଦୟ ସମିତିର ଆଭିମୁଖ୍ୟକୁ ସଫଳ କରିବ ବୋଲି ମୁଖ୍ୟଅତିଥି ତଥା ସ୍କୁଲର ଅଧ୍ୟକ୍ଷ ରୁଦ୍ରପ୍ରସାଦ ସାହୁ କହିଥିଲେ। ସମ୍ମାନିତ ଅତିଥି ସ୍କୁଲ ଉପାଧ୍ୟକ୍ଷା ଗୀତା ପଟ୍ଟନାୟକ, ଅନ୍ୟତମ ବକ୍ତା ଭାବେ ଇଂଲିଶ ଶିକ୍ଷୟିତ୍ରୀ ସାରଦା ଶତପଥୀ, ଶିକ୍ଷକ ପି. କେ. ଦାସ ପ୍ରମୁଖ ଯୋଗ ଦେଇଥିଲେ। ଅଜୟ ପ୍ରତାପ, ଦୁଃଶାସନ ସେଠୀ, ଗୋପାଳ ବେହେରା, ବ୍ରଜବନ୍ଧୁ ସାହୁ, ପ୍ରବୀର ବେହେରା, ମୁରଲୀଧର ବେହେରା, ଛବୀନ୍ଦ୍ର ସାମଲ, ଭରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୩ଶହରୁ ଉର୍ଦ୍ଧ୍ୱ ଅଭିଭାବକ ଯୋଗ ଦେଇଥିଲେ।




କର୍ମଶାଳାରେ ଅତିଥିମାନେ ମଞ୍ଚାସୀନ ଅଛନ୍ତି।

# ଥାନାରେ ଅଭିଯୋଗ କଲେ ତାମଡା ସେକ୍ରେଟାରି

**ଅନୁମତି ନ ନେଇ ଆପାର୍ଟମେଣ୍ଟ ନିର୍ମାଣ ଅଭିଯୋଗ ଘଟଣା**

ଅନୁଗୋଳ ସହର, ୬।୨

ଅନୁଗୋଳ ସହର ହୁଲୁରିସିଂହାଠାରେ ନିର୍ମାଣ ହେଉଥିବା ଏକ ଆପାର୍ଟମେଣ୍ଟକୁ ନେଇ ଅଭିଯୋଗ ଆସିବା ପରେ ତାଳଚେର-ଅନୁଗୋଳ-ମେରାମଣ୍ଡଳି ଉନ୍ନୟନ କର୍ତ୍ତୃପକ୍ଷ (ତାମଡା)ଙ୍କ ପକ୍ଷରୁ ପ୍ରଥମେ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯାଇଥିଲା। ଗୁରୁବାର ଏ ନେଇ ଅନୁଗୋଳ ଥାନାରେ ଏକ ଏତଲା ମଧ୍ୟ ଦିଆଯାଇଛି।

ତାମଡା ସେକ୍ରେଟାରି ତଥା ଡେପୁଟି କଲେକ୍ଟର ବୈଦୁରା ଦୀପ୍ତି ଚିଠି ନଂ.୧୪୨/୨୦ରେ ଅନୁଗୋଳ ଥାନାରେ ଅଭିଯୋଗ କରିଛନ୍ତି ଯେ, ବେଆଇନ ଆପାର୍ଟମେଣ୍ଟ ନିର୍ମାଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ ବା ସାମୂହିକ ଭାବେ ବନ୍ଦ କରିବା ପାଇଁ ଓଡ଼ିଶା ପାୱାର କନଫର୍ମ ଅଣ୍ଡର ସବ୍‌ସେକ୍ସନ (ଆଇ) ଅଫ୍ ସେକ୍ସନ ୯୨ ଅଫ୍ ଓଡିଏ ଆକ୍ଟ ୧୯୮୨ ଅନୁଯାୟୀ ରେସିଡେଣ୍ଟାଲ ଆପାର୍ଟମେଣ୍ଟର ଏମ୍‌ଡିଙ୍କୁ ଡିସେମ୍ବର ୨୭ରେ ନଂ.୩୨୯୫ରେ ନୋଟିସ୍ ଦିଆଯାଇଥିଲା। ନୋଟିସ୍ ଦେବା ସତ୍ତ୍ୱେ ସେ ନିର୍ଦ୍ଦେଶକୁ ଅବମାନନା କରି ବେଆଇନ କାର୍ଯ୍ୟ ଚାଲୁ ରଖିଛନ୍ତି। ଓଡ଼ିଶା ଅଣ୍ଡର ସବ୍‌ସେକ୍ସନ (ଆଇ) ଅଫ୍ ସେକ୍ସନ ୯୨ ଅଫ୍ ଓଡିଏ ଆକ୍ଟ ୧୯୮୨ ଆଇନ ବଳରେ ତାମଡା ପକ୍ଷରୁ କାର୍ଯ୍ୟ ବନ୍ଦ କରିବା ପାଇଁ ଚାହୁଁଛୁ। ତେଣୁ ପୋଲିସ ସେଠାରେ ଉପସ୍ଥିତ ରହି ବେଆଇନ ଆପାର୍ଟମେଣ୍ଟ ନିର୍ମାଣ କାର୍ଯ୍ୟ ବନ୍ଦ କରିବା ସହିତ ନିର୍ମାଣ କାର୍ଯ୍ୟ କରୁଥିବା ଲୋକମାନଙ୍କୁ ବାହାରକୁ ଆଣିବା ଜରୁରୀ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏ ବିଷୟରେ ତାମଡା ସେକ୍ରେଟାରି ଦୀପ୍ତି କହିଛନ୍ତି, ବେଆଇନ ଆପାର୍ଟମେଣ୍ଟ ନିର୍ମାଣ ପାଇଁ ଥାନାରେ ଅଭିଯୋଗ କରାଯାଇଛି। ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି କହିଛନ୍ତି, ବେଆଇନ ଆପାର୍ଟମେଣ୍ଟ ନିର୍ମାଣ ନେଇ ଅଭିଯୋଗ ଆସିଛି। ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



Talcher - Angul - Meramandali Development Authority
TAMDA -Angul - 759122
Phone : 230569 (Off.)

No 142 /TAMDA Dt 06-02-2020

From
The Secretary,
TAMDA, Angul.

To
The Officer-in-Charge,
Angul Police Station, Angul
Dist- Angul.

Sub: - Requisition of Police personnel.

Sir,

With reference to the subject cited above, I am to inform you that in exercise of powers conferred under subsection (i) of Section 92 of ODA Act. 1982 , I issued notice against Sri Ananda Ku. Agarwala, Director Om Developer & Builder Pvt. Ltd. to discontinue /stop the unauthorized construction vide this office letter NO. 3295 /TAMDA dt.27.12.2019.

But inspite of the notice served to Sri Ananda Ku Agarwala to discontinue/stop the constructions done unauthorizedly he did not obey the order.

Therefore, in exercise the powers conferred under subsection (i) of Section 92 of ODA Act. 1982 I call upon you to kindly depute Police personnel to stop the construction work and remove the person & workmen from the place where the Development is under taken.

This may be treated as most urgent.

Yours faithfully,
Secretary, TAMDA

ତାମଡା ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିବା ଚିଠି।

## ଆଜି କ'ଣ କେଉଁଠି

### ଅନୁଗୋଳ

- ଅଷ୍ଟମ ଜିଲା ମହୋତ୍ସବ ଉଦ୍‌ଘାଟନ
  ସ୍ଥାନ– ଷ୍ଟାଡିୟମ
  ସମୟ– ଅପରାହ୍ନ ୫ଟା ୩୦
- ଆଞ୍ଜେଲ ୱିଙ୍ଗସ୍ ପ୍ଲେ ସ୍କୁଲର ବାର୍ଷିକ ଉତ୍ସବ
  ସ୍ଥାନ– ବିଦ୍ୟାଳୟ ପରିସର
  ସମୟ– ଅପରାହ୍ନ ୫ ଘଟିକା
- ସରକାରୀ ଉଚ୍ଚ ବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବ
  ସ୍ଥାନ– ବିଦ୍ୟାଳୟ ପରିସର
  ସମୟ– ଅପରାହ୍ନ ୩ ଘଟିକା

## ସଂକ୍ଷେପରେ

### ବାଇକ୍ ପୋଡ଼ିଦେଲେ ଦୁର୍ବୃତ୍ତ

ତାଳଚେର,୬।୨(ନି.ପ୍ର.)- ତାଳଚେର ପୌରାଞ୍ଚଳ ୱାର୍ଡ ନଂ. ୬ କୁମ୍ଭାର ସାହିରେ ସୁଶାନ୍ତ କୁମାର ବେହେରାଙ୍କ ବାଇକ୍‌କୁ କେହି ଦୁର୍ବୃତ୍ତ ପୋଡ଼ି ଦେଇଥିବା ଅଭିଯୋଗ ହୋଇଛି। ସୁଶାନ୍ତ ଅଭିଯୋଗ କରିଛନ୍ତି ଯେ, ସେ ବୁଧବାର ରାତିରେ ଘର ସାମନାରେ ଗାଡ଼ି ରଖିଥିଲେ। ମଧ୍ୟରାତ୍ରିରେ ପଡ଼ୋଶୀ ସୂଚନା ଦେବା ପରେ ତାଙ୍କ ବାଇକ୍ (ନଂ. ଓଆର ୧୯ଇ-୦୫୦୦) ଜଳୁଥିବା ସେ ଦେଖିବାକୁ ପାଇଥିଲେ। ଏ ନେଇ ସୁଶାନ୍ତ ତାଳଚେର ଥାନାରେ ଏତଲା ଦେଇଛନ୍ତି।

# ୧୨ ଲକ୍ଷ ଲୋକଙ୍କୁ ବଣ୍ଟାଯିବ ଔଷଧ

**ବାତଜ୍ୱର ନିରାକରଣ କାର୍ଯ୍ୟକ୍ରମ**

ଅନୁଗୋଳ ଅଫିସ୍, ୬।୨

ଅନୁଗୋଳରେ ବାତଜ୍ୱର (ଫାଇଲେରିଆ) ରୋଗର ନିରାକରଣ ପାଇଁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମକୁ ନେଇ ଗୁରୁବାର ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ହୋଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅମରେନ୍ଦ୍ରନାଥ ମହାନ୍ତି ସୂଚନା ପ୍ରଦାନ କରିବା ସହ ଏହାର ବ୍ୟାପକ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲାର ୧୨ ଲକ୍ଷ ୫୭ ହଜାର ୭୬୦ ଜଣଙ୍କୁ ଏହି ଔଷଧ ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଥିଲେ। ଚଳିତ ବର୍ଷ ପ୍ରଥମ କରି ଔଷଧ ବିତରଣକାରୀ ଦଳ ଘରକୁ ଘର ବୁଲି ଲୋକଙ୍କୁ ଖୁଆଇବେ ବୋଲି ସିଡିଏମ୍ଓ ପ୍ରକାଶ କରିଥିଲେ।

ଚଳିତ ମାସ ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ଏହି ଔଷଧ ସେବନ କରାଯିବ।



ଜିଲା ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀ।

ଜିଲାରେ ଥିବା ମୋଟ୍ ୧୪ ଲକ୍ଷ ୨୨ ହଜାର ୬୮୨ ଲୋକଙ୍କ ମଧ୍ୟରୁ ୧୨ ଲକ୍ଷ ୫୭ ହଜାର ୭୬୦ ଜଣଙ୍କୁ ଏହି ଔଷଧ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ୨୦୫୬ ଔଷଧ ବିତରଣକାରୀ, ୨୦୫ ସୁପରଭାଇଜର ନିୟୋଜିତ ହୋଇଛନ୍ତି। ଏଥିସହ ୧୯୩୦ଟି ଗ୍ରାମର ୧୫୭ଟି ସବ୍ ସେଣ୍ଟର ଓ ୫ଟି ପିଏସ୍‌ୟୁକୁ ଏହି ଔଷଧ ଖୁଆଇବା ଦାୟିତ୍ୱ ପ୍ରଦାନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଏହି ଔଷଧ ଖାଇବାରୁ ଯେଉଁମାନେ ବଞ୍ଚିତ ହେବେ ସେମାନଙ୍କୁ ୨୦ ତାରିଖରେ ଔଷଧ ପ୍ରଦାନ କରାଯିବ। ଔଷଧ ଖାଇଥିବା ଲୋକଙ୍କ ବାମ ହାତ ବିଶି ଆଙ୍ଗୁଳି ନଖ ଉପରେ ଏକ ଅଲିଭା ରଙ୍ଗର ଚିହ୍ନ ଦିଆଯିବ। ଚଳିତ ମାସ ୧୦ ତାରିଖରେ ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଜିଲାପାଳ ମନୋଜ କୁମାର ମହାନ୍ତି ଏହାର ଶୁଭାରମ୍ଭ କରିବେ। ଏହି ଔଷଧ ଖାଇବା ଦ୍ୱାରା କୌଣସି ପାର୍ଶ୍ୱ ପ୍ରତିକ୍ରିୟା ରହିବ ନାହିଁ। ଯଦି କୌଣସି ସ୍ଥାନରେ କେହି ଅସୁସ୍ଥ ଅନୁଭବ କରନ୍ତି ତୁରନ୍ତ ରାପିଡ୍ ରିଆକ୍ସନ ଟିମ୍ ସେମାନଙ୍କୁ ନେଇ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇବେ। ୨ ବର୍ଷରୁ କମ୍ ଶିଶୁ, ଗର୍ଭବତୀ ମହିଳା ଓ ଦୀର୍ଘ ଦିନରୁ ରୋଗରେ ପୀଡ଼ିତ ବ୍ୟକ୍ତି ଏହି ଔଷଧ ସେବନ କରିବେ ନାହିଁ। ଖାଲି ପେଟରେ ଏହି ଔଷଧ ସେବନ କରିବାକୁ ବାରଣ କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ କୁଷ୍ଠ ନିରାକରଣ ଅଧିକାରୀ ଡାକ୍ତର ବିଶ୍ୱବିହାରୀ ମହାନ୍ତି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଓ ଭିବିଡି ପରାମର୍ଶଦାତା ନିରୂପମା ଦାସ, ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶକ ସତ୍ୟ ସୁନ୍ଦର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟାଳୟରେ ସଚେତନତା


ଜନସାଧାରଣଙ୍କୁ ସଚେତନ କରାଯାଉଛି।

ଅନୁଗୋଳ ସହର, ୬।୨

ଅନୁଗୋଳ ସହର ନିକଟ କରଡ଼ାଗାଡ଼ିଆ ଉପ୍ରା ବିଦ୍ୟାଳୟ ଓ ଅଲେଖପାଟଣା ପ୍ରାଥମିକ ବିଦ୍ୟାଳୟରେ ପିସିଆଇ ପକ୍ଷରୁ ଗୁରୁବାର ଫାଇଲେରିଆ ନିରାକରଣ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ସଂଯୋଜକ ଦୀପନ ଦିଗଲ ଓ ଉପେନ୍ଦ୍ର ପ୍ରଧାନ ଯୋଗଦେଇ ଏହାର ନିରାକରଣ ଉପରେ ସଚେତନ କରାଇଥିଲେ। ବୟସ ଅନୁଯାୟୀ କେଉଁ ଅନୁପାତରେ କେତେ ମାତ୍ରାରେ ଔଷଧ ଖାଇବ ତାହା ସୂଚାଇଥିଲେ। ଖାଦ୍ୟ ଖାଇସାରିବା ପରେ ଉକ୍ତ ଔଷଧ ଖାଇବାକୁ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ସ୍କୁଲରେ ସାମୂହିକ ଔଷଧ ସେବନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଅନୁଗୋଳକୁ ଫାଇଲେରିଆ ମୁକ୍ତ କରିବା ପାଇଁ ଉପସ୍ଥିତ ଛାତ୍ରୀଛାତ୍ରମାନେ ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ ପୁଷ୍ପଲତା ଦାଶ, ସମିତି ସଭ୍ୟ ଆରତି ଦାସ, କୁଶାସିଂହା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶରତ କୁମାର ମହାରଣା, ସରୋଜ କୁମାର ସାହୁ, ପରତରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ସାହୁ, ଚିନ୍ମୟୀ ଜେନା, ମାନସୀ ବେହେରା, ନାଏବ ସରପଞ୍ଚ ରୁଦ୍ରନାରାୟଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଅନୁକୂଳଚନ୍ଦ୍ରଙ୍କ ଜନ୍ମ ବାର୍ଷିକୀ

ଆଠମଲ୍ଲିକ, ୬।୨(ଡି.ଏନ.ଏ.)

ଆଠମଲ୍ଲିକ ସତ୍‌ସଙ୍ଗ ବିହାରଠାରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜନ୍ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାଳୁମାନେ ସକାଳେ ଉଷା କୀର୍ତ୍ତନ କରିବା ସହ ନଗର ପରିକ୍ରମା କରିଥିଲେ। ଏହି ଅବସରରେ ମାତୃସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ସନ୍ଧ୍ୟାରାଣୀ ଚୌଧୁରୀ ଯୋଗଦେଇ ପରିବାର ଓ ସମାଜରେ ମା'ର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଧରଣୀଧର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ପୂର୍ବତନ ମନ୍ତ୍ରୀ ସଞ୍ଜୀବ କୁମାର ସାହୁ ଯୋଗ ଦେଇଥିଲେ। କୁମୁଦ ଚନ୍ଦ୍ର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଦିଲୀପ କୁମାର ପାତ, କେଶବାନନ୍ଦ ସାହୁ, ପ୍ରଶାନ୍ତ ପରିଜା, ଅର୍ଜ୍ଜୁନ ରାଉଳ, ବିଜୟ ସାହୁ, ସୁକାନ୍ତ ବିଶ୍ୱାଳ, ରତନ କୁମାର ସାହୁ, ବାଞ୍ଛାନିଧି ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।


ଅନୁକୂଳ ଚନ୍ଦ୍ରଙ୍କ ଜନ୍ମ ବାର୍ଷିକୀ ପାଳନ ଅବସରରେ ଅତିଥି ଓ ଅନ୍ୟମାନେ।

## ଟ୍ରାକ୍ଟର ଚକ ମାଡ଼ିଯାଇ ଶ୍ରମିକ ମୃତ

ଝୁମ୍ପୁରା, ୬।୨ (ଡି.ଏନ.ଏ.)

ବାରିଆ ଥାନାଞ୍ଚଳ ଅନ୍ତର୍ଗତ ଚକୁଲିଆ ଗ୍ରାମର ଷ୍ଟୋନ କ୍ରସର ପାଖରେ ଟ୍ରାକ୍ଟର ଉପରୁ ଖସି ପଡିବାରୁ ଶ୍ରମିକ ପେଟରା ନାଏକଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ଝୁମ୍ପୁରାରେ ବୋଲି ଜଣାପଡିଛି। ପ୍ରକାଶ ଯେ, ଟ୍ରାକ୍ଟର ଡାଲାରେ ଶ୍ରମିକମାନେ ବସିଥିବା ବେଳେ, ଚକୁଲିଆ ଗ୍ରାମରୁ ଦ୍ରୁତଗତିରେ ଗୁରୁବାର ସନ୍ଧ୍ୟା ସମୟରେ ଝୁମ୍ପୁରା ପଟକୁ ଆସୁଥିଲା। ଗ୍ରାମବାସୀଙ୍କ ସୂଚନା ପରେ ବାରିଆ ଥାନାଧିକାରୀ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଟ୍ରାକ୍ଟରଟି ନମ୍ବର ବିହିନ ହୋଇଥିବା ବେଳେ, ଟ୍ରାକ୍ଟରର କାଗଜପତ୍ର କିଛି ନ ଥିବା ପୋଲିସ ସୂତ୍ରରୁ ଜଣା ପଡିଛି। ଟ୍ରାକ୍ଟରକୁ ପୋଲିସ ଜବତ କରିଛି। ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଛି। ଏନେଇ ପୋଲିସ ଏକ ମାମଲା (ନଂ.୧୧/୨୦୨୦) ରୁଜୁ କରି

# ଅନୁଗୋଳ ଜିଲାରୁ ୩ ମନୋନୀତ

ଅନୁଗୋଳ ଅଫିସ୍, ୬।୨

ଚଳିତ ମାସ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଏକ ଭାରତ ଶ୍ରେଷ୍ଠ ଭାରତ ଜାତୀୟ ସମରକଳା ପ୍ରତିଯୋଗିତା ରାଜସ୍ଥାନର ଜୟପୁରଠାରେ ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ କରିବା ପାଇଁ ସମରକଳାର ରାଜ୍ୟ ସହ ସମ୍ପାଦକ ଦୁଷ୍ୟନ୍ତ କୁମାର ନାଥଙ୍କ ତତ୍ତ୍ୱାବଧାନରେ ଅନୁଗୋଳରୁ ନମିତା ମିଶ୍ର, ଶ୍ରଦ୍ଧାଞ୍ଜଳି ସ୍ୱାଇଁ ଓ ଚିତ୍ତରଞ୍ଜନ ମହନ୍ତ ମନୋନୀତ ହୋଇଛନ୍ତି। ତେବେ ଓଡ଼ିଶାରୁ ମୋଟ୍ ୧୨ ଜଣ ପ୍ରତିଯୋଗୀ ସ୍ୱେତା ସ୍ୱାଗତିକା ସାହୁ, ପୂର୍ଣ୍ଣିମା ସିଂହ, ରାଧାରାଣୀ ବେହେରା, ତମବୀ ଆସିଫା, ବାଳକ ବିଭାଗର ବିବେକ ସାମଲ, ସଚିନ କୁମାର ମଲ୍ଲିକ, ଫାଜଲ ଖାନ୍, ମୋହନ ଚନ୍ଦନ ଦାସ, ବାଳିକା ବିଭାଗର କୋଚ ଆସିଫା ଖାତୁନ ଏବଂ ଓଡ଼ିଶା ରାଜ୍ୟ ସମ୍ପାଦକ ଏସ୍.କେ ସଲାଉଦ୍ଦିନ୍‌ଙ୍କ ନେତୃତ୍ୱରେ ଏହି ପ୍ରତିଯୋଗିତାରେ ଭାଗ ନେଉଥିବା ସୂଚନା ମିଳିଛି। ଗୁରୁବାର ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି, ଉପଜିଲାପାଳ ବାସୁଦେବ ଶତପଥୀ, ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ ଏହି ପ୍ରତିଯୋଗୀମାନଙ୍କ ସଫଳତା କାମନା କରିବା ସହ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଛନ୍ତି।

**ଜାତୀୟ ସମରକଳା ପ୍ରତିଯୋଗିତା**


ଜିଲାପାଳଙ୍କ ସହ ସମରକଳାରେ ଯୋଗ ଦେବାକୁ ଯାଉଥିବା ଖେଳାଳି।

## ଟ୍ରକ ଡ୍ରାଇଭରଙ୍କୁ ଗୁଳିମାଡ଼ ଅଭିଯୋଗ

ଚମ୍ପୁଆ, ୬।୨(ଡି.ଏନ.ଏ)

ଚମ୍ପୁଆ ନିକଟବର୍ତ୍ତୀ ଝାଡ଼ଖଣ୍ଡ ଅଞ୍ଚଳରେ ଏକ ଟ୍ରକ ଡ୍ରାଇଭରଙ୍କ ଉପରକୁ ଦୁର୍ବୃତ୍ତମାନେ ଗୁଳି ଚଳାଇବା ସହିତ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ପାଖରେ ଥିବା ୨୩ ହଜାର ଟଙ୍କା ଲୁଟି ନେଇଛନ୍ତି। ସୂଚନା ଅନୁସାରେ ଡ୍ରାଇଭର ସନୁ ଯାଦବ ଏକ ଟ୍ରକ ନେଇ ବଡ଼ବିଲରୁ ଖଡ଼ଗପୁର ଯାଉଥିବାବେଳେ ୨ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ତାଙ୍କ ଦେହରେ ଗୁଳିଟି ଘସିହୋଇ ପଳାଇଥିବା ବେଳେ ଦୁର୍ବୃତ୍ତମାନେ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଗାଡ଼ିରେ ଥିବା ଟଙ୍କା ଲୁଟି ନେଇଥିଲେ।

# ୧୪୫ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ

ଅନୁଗୋଳ ଅଫିସ୍, ୬।୨

ଅନୁଗୋଳ ପୌରପାଳିକା ପକ୍ଷରୁ ଟାଉନ ହଲ ଠାରେ ସହରାଞ୍ଚଳ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ପଞ୍ଚମ ପର୍ଯ୍ୟାୟ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏହି ଯୋଜନାରେ ମୋଟ୍ ୧୪୫ ଜଣଙ୍କୁ କାର୍ଯ୍ୟାଦେଶ ପତ୍ର ବିଧାୟକ ରଜନୀକାନ୍ତ ସିଂହ, ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା, ନିର୍ବାହୀ ଯନ୍ତ୍ରୀ ସୀମାଞ୍ଚଳ ମିଶ୍ର, ନୋଡାଲ ଅଫିସର ଦୁର୍ଗାପ୍ରସାଦ ପଟ୍ଟନାୟକ, ଉଡାର ଟିମ୍ ଲିଡର ବଦ୍ରି ଦାସ, ସିଟି ଲେବୁଲ୍ ଟେକ୍ନିକାଲ ସେଲ୍ ଇଂ. ଅଭୟ କୁମାରଙ୍କ ସହ ଅନ୍ୟ ଅଧିକାରୀ ଓ କର୍ମଚାରୀ ବଣ୍ଟନ କରିଥିଲେ। ସହରାଞ୍ଚଳରେ କଚ୍ଚା ଘର ଥିବା ଲୋକଙ୍କୁ ଏହି କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିବା ନିର୍ବାହୀ ଅଧିକାରୀ ପଣ୍ଡା ସୂଚନା ଦେଇଛନ୍ତି। ପୂର୍ବରୁ ୪ଟି ପର୍ଯ୍ୟାୟରେ ୨୩୯ ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଗୁରୁବାର ୧୯୫ ହିତାଧିକାରୀଙ୍କୁ ଏହି କାର୍ଯ୍ୟାଦେଶ ପ୍ରଦାନ କାର୍ଯ୍ୟକ୍ରମ ଥିବାବେଳେ ୧୪୫ ଜଣଙ୍କୁ ବଣ୍ଟନ କରାଯାଇଥିବା ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି।


ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରୁଛନ୍ତି।

# ଡାକ୍ତର ନିଯୁକ୍ତି ଦାବିରେ ବୈଠକ

ଅନୁଗୋଳ ଅଫିସ୍, ୬।୨

ବଣ୍ଟରପାଳ ବ୍ଲକ ମରାତିରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ଦିନରୁ ଡାକ୍ତର ପଦବୀ ଖାଲି ପଡ଼ିଛି। ଫଳରେ ଉକ୍ତ ଅଞ୍ଚଳରେ ଥିବା ସାମନ୍ତରାପୁର, ଜରଡା, ବଡହିଂସର, କଞ୍ଚୀରା, ତୁବେ ଆଦି ପଞ୍ଚାୟତର ଜନସାଧାରଣ ସ୍ୱାସ୍ଥ୍ୟସେବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ସାଧାରଣ ନିର୍ବାଚନ ପୂର୍ବରୁ ଜଣେ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ବଦଳି କରାଯାଇଛି। ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ସ୍ୱାସ୍ଥ୍ୟକେନ୍ଦ୍ର ଥାଇ ବି ଡାକ୍ତର ନ ଥିବାରୁ ରୋଗୀମାନେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ଏ ନେଇ ଅଞ୍ଚଳର ଗଗନ ବିହାରୀ ସାହୁଙ୍କ ସଭାପତିତ୍ୱରେ ମରାତିରା କୋଠଘରଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜରଡା ଗ୍ରାମ ସଭାପତି ରତ୍ନାକର ସାହୁ, ମରାତିରା ଗ୍ରାମ ସଭାପତି ରବି ସାହୁ, ଯୁବ ସଙ୍ଗଠକ ମାନସ ପାଲ, ଯୋଗୀନାଥ ବିଶ୍ୱାଳ, ବୈକୁଣ୍ଠ ବିହାରୀ ପ୍ରଧାନ, ରଞ୍ଜନ କୁମାର ଦାସ, ଶିଲୁ ଧଳ, ଦିଗାମ୍ବର ପ୍ରଧାନ, ଅଜୟ କୁମାର ସାହୁଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ଏ ନେଇ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରାଯିବାକୁ ସ୍ଥିର କରାଯାଇଥିଲା। ପ୍ରଶାସନ ଦୃଷ୍ଟି ନ ଦେଲେ ଅଞ୍ଚଳର ନିର୍ବାଚିତ ପ୍ରତିନିଧି ଓ ଜନସାଧାରଣଙ୍କୁ ନେଇ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି କରାଯାଇଥିଲା।

# ଅନ୍ତୁଲିଆ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ



ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ବନ୍ତଳା, ୬।୨(ଡି.ଏନ.ଏ.)

ଅନୁଗୋଳ ବ୍ଲକ ଅନ୍ତୁଲିଆ ପଞ୍ଚାୟତ ଅନ୍ତୁଲିଆ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଧ୍ରୁବଚରଣ ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଅନ୍ତୁଲିଆ ସରପଞ୍ଚ ମିନାକ୍ଷୀ ସାହୁ ଯୋଗଦେଇ ଛାତ୍ରୀଛାତ୍ରମାନେ ଆଗାମୀ ଦିନର ଭବିଷ୍ୟତ। ତେଣୁ ସେମାନଙ୍କୁ ଉନ୍ନତ ଶିକ୍ଷାଦାନ କରାଯାଇ ଏକ ସୁନ୍ଦର ଭବିଷ୍ୟତ ନିର୍ମାଣ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ସୁଶୀଲ କୁମାର ପ୍ରଧାନ, ରାଜେନ୍ଦ୍ର କୁମାର ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଜୟ କୁମାର ଦେହୁରୀ, ବରିଷ୍ଠ ଶିକ୍ଷକ ଅନାଦି ଚରଣ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କ୍ରୀଡ଼ା ଶିକ୍ଷକ ଦୋଳ ଗୋବିନ୍ଦ ଦଳେଇ ଅତିଥି ପରିଚୟ ଦେଇଥିଲେ। ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ପ୍ରଦୀପ ପରିଡ଼ା, ପ୍ରଦୀପ ବେହେରା, ମୁରଲୀ ନାଏକ ସହଯୋଗ କରିଥିଲେ।

# ଲୋକଲୋଚନକୁ ଆସୁ ଆଞ୍ଚଳିକ କଳା

ଛେଣ୍ଡିପଦା, ୬।୨(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ମହୋତ୍ସବ ଗୁରୁବାର ସଦର ମହକୁମାସ୍ଥିତ ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ସୁନୀଲ କୁମାର କେରକେଟାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ସୁଷମା ରାଉଳ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ମହନ୍ତ ବେହେରା, ଜିଲା ଶିକ୍ଷା ପ୍ରଶିକ୍ଷଣ ଓ ପ୍ରତିଷ୍ଠାନ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଦାସ, ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ସାହୁ, ଛେଣ୍ଡିପଦା ଗ୍ରାମ ସଭାପତି ଗୋବର୍ଦ୍ଧନ ନାୟକ, ଜିଲା ପରିଷଦ ସଭ୍ୟ ଭାସ୍କର ଚନ୍ଦ୍ର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଆଞ୍ଚଳିକ କଳାକୁ ଲୋକଲୋଚନକୁ ଆଣିବା ଉପରେ ଅତିଥିମାନେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ବ୍ଲକର ବିଭିନ୍ନ ଅଞ୍ଚଳର କଳାକାରମାନେ କରମା ନୃତ୍ୟ, ପାଲା, ଗୋପାଳକଙ୍କ ଲଉଡି ଖେଳ, ଦଣ୍ଡନୃତ୍ୟ ଆଦି ପରିବେଷଣ କରିଥିଲେ। ବିଚାରକ ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜକିଶୋର ସାହୁ ଓ ଗଣେଶ୍ୱର ପ୍ରଧାନ ଯୋଗଦେଇ ଲଙ୍ଗୁଳି ଗ୍ରାମର ରାଧାକୃଷ୍ଣ ଲଉଡି ଖେଳ ପ୍ରତିଯୋଗୀଙ୍କୁ ଜିଲା ମହୋତ୍ସବରେ ଭାଗ ନେବା ପାଇଁ ଚୟନ କରିଥିଲେ। ବ୍ଲକ କଳା ସଂସ୍କୃତିର ସଭାପତି ହରମୋହନ ସାହୁ ଓ ଛେଣ୍ଡିପଦା ଶିଶୁମନ୍ଦିର ପ୍ରଧାନ ଗୁରୁଜୀ ବସନ୍ତ ସାହୁ ମଞ୍ଚ ପରିଚାଳନା କରିଥିଲେ। ଉତ୍ସବରେ ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ପକ୍ଷରୁ ଜୈବିକ ପଦ୍ଧତିରେ କରାଯାଇଥିବା ବିଭିନ୍ନ ପ୍ରକାରର ପରିବା ଚାଷ ଓ ସ୍ୱୟଂ ସହାୟକ ଗୋଷ୍ଠୀମାନେ ତିଆରି କରିଥିବା ଖାଦ୍ୟପଦାର୍ଥ ବେଶ ଆକର୍ଷିତ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଯାଦବା ନନ୍ଦ ସାହୁ, ମତ୍ସ୍ୟ ବିଭାଗ ଅଧିକାରୀ ପ୍ରହଲାଦ ସେଠୀ, ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ ସାହୁ ଓ ଚିରୋଲିମା ସାହୁ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଫିରୋଜ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ।



ମହୋତ୍ସବରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ପ୍ରଦର୍ଶନ କରୁଛନ୍ତି।

**ଛେଣ୍ଡିପଦା ବ୍ଲକ ମହୋତ୍ସବ**

